# ବ୍ରହ୍ମ ବିରାଟ ଶାନ୍ତି ଯଜ୍ଞ



ଓଁ

ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ଓଁ ଗୀ ବିରାଟ ଶାନ୍ତି ଯଜ୍ଞ

## ସ୍ଥାନ :

## ବିରବିରା, ସୁନ୍ଦରଗଡ଼

୧୪୨୦ ସାଲ, ବୃଷ ଦି୭ନ, ଜ୍ୟେଷ୍ଠ ଦି୧ନ ମଙ୍ଗଳବାର ମୋହିନୀ ଏକାଦଶୀ (ଅଧିବାସ) ଠାରୁ ବୃଷ ଦି୧୧ନ, ଜ୍ୟେଷ୍ଠ ଦି୫ନ, ଚନ୍ଦନ ପୂର୍ଣ୍ଣିମା ପର୍ଯ୍ୟନ୍ତ ॥
ଇଂରାଜୀ ତା୨୧.୦୫.୨୦୧୩ରିଖ ଠାରୁ ତା୨୫.୦୫.୨୦୧୩ରିଖ ପର୍ଯ୍ୟନ୍ତ॥

## ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,

ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ, କ୍ଷିତିଜ୍ୟୋତି ଆଶ୍ରମ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।

ଭକ୍ତି ପ୍ରେମାଞ୍ଜଳି : ଦଶ ମୁଦ୍ରାଞ୍ଜଳି

# ଓଁ ନମୋ ଭଗବତେ କେଶବଚନ୍ଦ୍ରାୟ !!!

ଯୁଗକୁ ଯୁଗ ଏହି ମତେ । ପରମାନନ୍ଦ ଏ ଜଗତେ ॥

ଯୁଗାନୁବାଦରେ ପରମେଶ୍ୱରଙ୍କର ଅପୂର୍ବଲୀଳା ଅବର୍ଣ୍ଣନୀୟ, କଳ୍ପନାତୀତ ଭାବରେ ସଂଗଠିତ ହୋଇଅଛି, ହୋଇ ଚାଲିଛି ମଧ୍ୟ । ସତ୍ୟ, ତ୍ରେତୟା, ଦ୍ୱାପର ଯୁଗ ମାନଙ୍କରେ ପରମପୁରୁଷ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇ ଅବଧ୍ୟ ଲୀଳା ସମ୍ଭାର କରି ଆସିଛନ୍ତି । ଯେପରି ତ୍ରେତାୟା ଯୁଗର ଲୀଳା, ମହର୍ଷି ବାଲ୍ମିକୀ ଲୀଳା ସଂଗଠିତ ହେବା ପୂର୍ବରୁ ରଚନା କରି ସାରିଥିଲେ । ଏବଂ ପରେ ପରେ ଅବତାର ପୁରୁଷ ପୁର୍ବାପରର ସମ୍ମିଶ୍ରଣରେ ଓ ଯୁଗଯୁଗର ଭକ୍ତ, ମୁନି, ଋଷିମାନଙ୍କର କଳ୍ପିତ ଇଚ୍ଛାକୁ ଲୀଳା ପୁରୁଷ ଭାବରେ ପୂରଣ କରିଥିଲେ ।

କଳି ଯୁଗର ଯୁଗ ପୁରୁଷ, ଅବତାରୀ ବ୍ରହ୍ମ, ଲୀଳା ପୁରୁଷୋତ୍ତମ, କଳିର ଅନ୍ତିମ ପର୍ଯ୍ୟାୟରେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇ ଲୀଳାସଂରଚନା କରି ଚାଲିଛନ୍ତି । ସେହି ଲୀଳାର କିୟଂଦଶ ସ୍ୱରୂପ ଆଜି ଆମ୍ଭେ ମାନେ 'ବିରବିରା'ର ବକ୍ଷସ୍ଥଳରେ ଦେଖିବାକୁ ଯାଉଛେ । ଯେଉଁଠିକି **'ବ୍ରହ୍ମବିରାଟ ଶାନ୍ତି ଯଜ୍ଞ'** ମାଧ୍ୟମରେ ଲୀଳାମୟ ଲୀଳା ରଚନା କରି ଭକ୍ତ, ମୁନି, ଋଷି ପ୍ରବରଙ୍କର କଳ୍ପିତ ଇଚ୍ଛାକୁ ସାକାର କରିବା ପାଇଁ ଆଜି ଅବତୀର୍ଣ୍ଣ ହୋଇଛନ୍ତି ।

ଏହି ଯଜ୍ଞର ରହସ୍ୟ ଉନ୍ମୋଚନ ନିମନ୍ତେ ପରମପୁରୁଷ ଚରମନାଥ, ଭକ୍ତବାଞ୍ଛା କଳ୍ପତରୁଙ୍କୁ ପ୍ରାର୍ଥନା କରନ୍ତେ ଲୀଳା ପୁରୁଷୋତ୍ତମ

ସହାସ୍ୟ ବଦନରେ ସୁମଧୁର ସ୍ୱରରେ ବିମ୍ବଫଳପରି ସୁନ୍ଦର ଓଠରୁ ଝରିଆସେ ଏହି ଲୀଳାର ରହସ୍ୟ ।

ଆଜକୁ ଠିକ୍ ଏକହଜାର ଚାରିଶହ ପଚାଶ ବର୍ଷ ପୂର୍ବେ ଜଣେ ମହାନ୍ ସଦ୍‌ପୁରୁଷ ଜନ୍ମଗ୍ରହଣ କରିଥିଲେ ଏହି ମାଟିରେ । ତାଙ୍କର କଠୋର ସାଧନା କୃତିରୁ ଆଜି ଏହିମାଟି ଧନ୍ୟ ହୋଇଛି । ଉକ୍ତ ମହାପୁରୁଷଙ୍କ ଜନ୍ମ ସମୟକୁ ଧରାପୃଷ୍ଠରେ କଳିଯୁଗ ପ୍ରାୟତଃ ୩୦୦୦ (ତିନିହଜାର) ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥାଏ । କଳି ଧରାବକ୍ଷରେ ନିଜର ପ୍ରାଦୁର୍ଭାବ ବିସ୍ତାର କରିସାରିଥାଏ । ଏହି କଳିର କରାଳ ନିଘାତରେ ସମସ୍ତ ଜନ ସମାଜ ଜର୍ଜରିତ ହେଉଥିବା ସମୟରେ ଏକ ଧର୍ମବନ୍ତ ପରିବାରରେ ବାସ କରୁଥିଲେ ଉକ୍ତ ସମୟରେ । ଏହି ପରିବାର ଉପରେ କଳିର ଅଙ୍କୁଶ ଟିକିଏ ବି ଥିବାର ପ୍ରତୀୟମାନ ହେଉନଥିଲା । ପରିବାରରେ ମଧ୍ୟରେ ଥିଲେ, ପିତା, ମାତା, ଭ୍ରାତା ଓ ଭଗ୍ନୀ । ପିତାମାତାଙ୍କର ଏକୋଇର ବଳା ବିଶିକେଶନ ସ୍ୱରୂପ ଜନ୍ମ ନେଇଥିଲେ ପୁତ୍ର ବିରବିରା; ପିତାମାତା ବିରବିରାକୁ ଲାଭ କରିବା ପାଇଁ ଅନେକ ବର୍ଷଧରି ଶିବଙ୍କର ଉପାସନା କରିଥିଲେ । ସେ ଅଞ୍ଚଳରେ ଶୈବ୍ୟ ଭକ୍ତ ଭାବରେ ଅନେକ ଖ୍ୟାତି ଥିଲା ତାଙ୍କର । ଦାନ, ତ୍ୟାଗ, ଶ୍ରଦ୍ଧା, ନିଷ୍ଠା ଓ ଭକ୍ତି ଆଗରେ ସମସ୍ତଙ୍କର ଶିର ସ୍ୱତଃ ପ୍ରବୃତ୍ତ ଭାବରେ ନଇଁ ପଡୁଥିଲା, ସେ ଏପରି ଶିବଭକ୍ତ ଥିଲେ କି, ତାଙ୍କର ନିଷ୍ଠା ଓ ସାଧନାରେ ପ୍ରିତ ହୋଇ ସ୍ୱୟଂ ଶିବ ସ୍ୱପ୍ନାଦେଶ କରଥିଲେ କି, ତୁମ ଗର୍ଭରେ ଖୁବ୍ ଶିଘ୍ର ଏକ ମହାନ ତେଜସ୍ୱୀ ବ୍ରହ୍ମ ଉପାସକଙ୍କର ଆବିର୍ଭାବ

ହେବ । ସେଥି ନିମନ୍ତେ ତୁମକୁ ଚାରୋଟି ଲିଙ୍ଗ ସ୍ଥାପନାକରି ବ୍ରତ ଉପାସନା କରିବାକୁ ପଡ଼ିବ । ଏହି ସ୍ୱପ୍ନାଦେଶକୁ ନିଜ ପତିକୁ ଜଣାଇ ଏହି ପୀଠର ଚତୁଃପାର୍ଶ୍ୱରେ ଶିବଲିଙ୍ଗ ପ୍ରତିଷ୍ଠାରେ ଲାଗିପଡ଼ିଲେ । ଏହାର ଠିକ ପାଞ୍ଚବର୍ଷ ପରେ ଗର୍ଭବତୀ ହେଲେ ଉପାସକଙ୍କର ଧର୍ମପତ୍ନୀ । କାଳକ୍ରମେ ଜନ୍ମର ସମୟ ଉପଗତ ହେଲା, ସେହି ମହାନ ତେଜସ୍ୱୀ ପୁତ୍ରଙ୍କର ଧରାପୃଷ୍ଠକୁ ଆସିବାପାଇଁ । ଯେପରି ଦିବାକରଙ୍କ ଆଗମନରେ ରାତ୍ରିର ଘନ ଅନ୍ଧକାର ଆପଣାଛାଏଁ ଅପସରିଯାଏ, ଏବଂ ଚାହିଁ ରହିଥାନ୍ତି ପଦ୍ମପରି ଅନେକ ଆଲୋକ ପ୍ରେମୀ, ଦିବାକରଙ୍କ ଉଦିତହେବାରେ ସେମାନେ ଯେପରି ଆନନ୍ଦରେ ପୁଲକିତ ହୋଇ ଉଠନ୍ତି ଓ ପରିବେଶ ଯେପରି ଆନନ୍ଦ ବିଭୋର ହୋଇଯାଏ ସେହିପରି ବିରବିରାଙ୍କ ଆଗମନରେ ଆନନ୍ଦ ଉଲ୍ଲାସରେ ଭରି ଉଠିଥିଲା ପରିବେଶ । ତୁଳସୀ ଦୁଇପତ୍ରରୁ ବାସିଲା ପରି 'ବିରବିରା'ଙ୍କ ବାଲ୍ୟାବସ୍ଥାରୁ ହିଁ ଦିବ୍ୟଗୁଣର ସନ୍ଧାନ ମିଳିଥିଲା । ଦିବ୍ୟ ଶିଶୁମାନଙ୍କଠାରେ ଯେପରି ଜନ୍ମରୁ କାନ୍ଦିବାର ସ୍ୱଭାବ ଦେଖାଯାଇ ନଥାଏ ଓ ସବୁ ସମୟରେ ନୟନଯୁଗଳ ଦିବ୍ୟକାନ୍ତି ଝଟକିଲା ପରି ପ୍ରସ୍ଫୁଟିତ ଥାନ୍ତି ଏବଂ ମୁଖ ମଣ୍ଡଳ ଦିବ୍ୟଜ୍ୟୋତିର ଆକର୍ଷଣରେ ସମସ୍ତଙ୍କୁ ଆକର୍ଷିତ କରିଥାଏ, ତାହାହିଁ ପ୍ରକାଶିତ ହୋଇଥିଲା । ବିରବିରାଙ୍କ ବାଲ୍ୟାବସ୍ଥାରୁ ବିରବିରା ଚପଳମତି ଶିଶୁମାନଙ୍କ ପରି ସମସ୍ତ କାର୍ଯ୍ୟ କରୁଥିଲେ ମଧ୍ୟ, ପ୍ରଗାଢ଼ ସ୍ନେହ, ଶ୍ରଦ୍ଧା, ଭକ୍ତିଥିଲା ପିତାମାତାଙ୍କ ପ୍ରତି । ପିତାମାତାଙ୍କର ଧାର୍ମିକ ଚିନ୍ତା, ଚେତନାରେ ଉଦ୍‌ବେଳିତ ହୋଇ ନିଜକୁ ହଜାଇ ଦେଉଥିଲେ ତାଙ୍କର ଆଦେଶ ଓ ଆଜ୍ଞା ପାଳନରେ ।

ପିତାମାତାଙ୍କର ଆଦେଶ ଓ ଆଜ୍ଞାରେ ବିଦ୍ୟାଧ୍ୟୟନର ପ୍ରଥମ ସୋପାନରେ ପଦାର୍ପଣ କଲେ ବିରବିରା । ଗୁରୁକୁଳକୁ ଯାଇ ପ୍ରତ୍ୟହ ବିଦ୍ୟାଧ୍ୟୟନ କରୁଥିଲେ ମଧ୍ୟ ତାଙ୍କଠାରେ ବିଦ୍ୟାଧ୍ୟୟନର ସ୍ପୃହା ଧିରେ ଧିରେ କମିଯାଉଥିଲା । ମନେ ମନେ କିଛି ଅଭାବ ଅନୁଭୂତ କରୁଥିଲେ ବିରବିରା । ସେ ସବୁ ସମୟରେ ହଜିଯାଇଥିବା ଜିନିଷ ଖୋଜିଲା ପରି ଅନ୍ୟମନସ୍କ ରହୁଥିଲେ । ଏହିପରି କିଛି ବର୍ଷ ଅତିକ୍ରାନ୍ତ ହେବା ପରେ ୯ବର୍ଷ ବୟସରେ ପଦାର୍ପଣ କରନ୍ତେ, ହଠାତ୍ ଅଭାବ ଅନୁଭୂତ ହେଉଥିବା ଜିନିଷକୁ ପାଇବା ପାଇଁ ତୀବ୍ର ବୈରାଗ୍ୟର ଦଂଶନରେ ନିଜକୁ ସମ୍ଭାଳି ନପାରି ପରିପ୍ରକାଶ କରନ୍ତି ପିତାଙ୍କ ସମ୍ମୁଖରେ । ଦିବ୍ୟଜ୍ଞାନ ପିତାମାତାଙ୍କର ମନେ ପଡ଼େ ଶିବଙ୍କର ସ୍ୱପ୍ନାଦେଶ କଥା । ପୁତ୍ର ମୋହରେ ଆଚ୍ଛନ୍ନ ନହୋଇ ଖୋଜି ବସନ୍ତି ଏହାର ସମାଧାନର ବାଟ ଏବଂ ହଠାତ୍ ମନେପଡ଼େ ଗ୍ରାମର ଅନତିଦୂରରେ ଅବସ୍ଥିତ ଆଶ୍ରମସ୍ଥ ଗୁରୁଦେବଙ୍କ କଥା । ପରଦିନ ପ୍ରଭାତରୁ ପିତାମାତା ବିରବିରାଙ୍କୁ ସାଥୀରେ ନେଇ ଧାଇଁ ଯାଆନ୍ତି ଗୁରୁଦେବଙ୍କ ଆଶ୍ରମ ଅଭିମୁଖେ । ଫୁଲ, ଫଳ, ସବୁଜିମାରେ ଭରା ଆଶ୍ରମରେ ଗୁରୁଦେବ ଶିଷ୍ୟମାନଙ୍କ ସହ ପ୍ରାତଃ ସୂର୍ଯ୍ୟ ଉପାସନାରେ ନିମଗ୍ନ ଥାଆନ୍ତି । ଏହି ସମୟରେ ମୁଖ୍ୟ ଫାଟକ ନିକଟରେ ଦଣ୍ଡାୟମାନ ହେଲେ ସ୍ୱାମୀ, ସ୍ତ୍ରୀ ଓ ପୁତ୍ର ବିରବିରା । କିଛିକ୍ଷଣ ଦଣ୍ଡାୟମାନ ରହିବା ପରେ ହୁଏ ଗୁରୁଦେବଙ୍କର ପ୍ରାତଃ ଉପାସନା । ପ୍ରାତଃ ଉପାସନାପରେ ଗୁରୁଦେବ ମୁଖ୍ୟ ଫାଟକନିକଟକୁ ଦୃଷ୍ଟି ନିକ୍ଷେପ କରନ୍ତେ ଦୃଷ୍ଟିଗୋଚର ହୁଏ ପିତା, ମାତା

ଓ ବିରବିରାଙ୍କର । ତତ୍‌କ୍ଷଣାତ୍ ଆଦେଶ ଦିଅନ୍ତି ଶିଷ୍ୟଗଣଙ୍କୁ ପାଛୋଟି ଆଣିବାକୁ । ଜନ୍ମ ଜନ୍ମାନ୍ତରର ନିବିଡ଼ ସଂପର୍କ ଥାଏ ଗୁରୁଶିଷ୍ୟଙ୍କର । ଦେଖୁ ଦେଖୁ କୋଳାଇ ନିଅନ୍ତି ଶିଶୁ ବିରବିରାଙ୍କୁ ଓ ବସିପଡନ୍ତି ନିଜ ଆସନରେ, ଆଦେଶ ଦିଅନ୍ତି ବସିବା ପାଇଁ ବିରବିରାଙ୍କ ପିତାମାତାଙ୍କୁ । ପୁଛନ୍ତି ସହାସ୍ୟ ବଦନରେ ଆସିବାର ଅଭିପ୍ରାୟ । ପ୍ରକ୍ଷାଳନ କରିଚାଲନ୍ତି ପିତା ମାତା ବିରବିରାଙ୍କର ଉଦାସୀନତା ଓ ଶୂନ୍ୟତା ବୋଧର ରହସ୍ୟ । ଏହି ରହସ୍ୟ ଉନ୍ମୋଚନ ନିମନ୍ତେ ଗୁରୁଦେବଙ୍କୁ ପ୍ରଶ୍ନ କରନ୍ତେ ଗୁରୁଦେବ ଉତ୍ତର ଛଳରେ ସମ୍ୟକ୍ ସୂଚନା ଦେଇ କୁହନ୍ତି, ଏହା ବ୍ରହ୍ମ ଉପାସନାର ପ୍ରାଥମିକ ଅବସ୍ଥା । ସବୁକିଛି ବୁଝିଯାଆନ୍ତି ଧର୍ମବନ୍ତ ପିତା,ମାତା, ବିନା ଦ୍ୱିଧାରେ, ଛାଡି ଆସନ୍ତି ଗୁରୁଙ୍କ ନିକଟରେ ବିରବିରାଙ୍କୁ । ଆରମ୍ଭ ହୁଏ ବିରବିରାଙ୍କର ସାଧନା ପର୍ଯ୍ୟାୟ । ଗୁରୁଙ୍କ ତତ୍ତ୍ୱାବଧାନରେ ଅତିକ୍ରମ କରିଚାଲିଛନ୍ତି ସାଧନାର ସୋପାନମାନ । ଏହିପରି ଦିନପରେ ଦିନ, ବର୍ଷ ପରେ ବର୍ଷ ଅତିକ୍ରମ କରିବା ପରେ ଉପଗତ ହୁଏ ଏହି ପବିତ୍ର ଦିବସ ବୃଷ ମାସ ୭ଦିନ ଓ ଜ୍ୟେଷ୍ଠ ୧ ଦିନ, ମୋହିନୀ ଏକାଦଶୀ ତିଥି, ଉତ୍ତରାଫା, ନକ୍ଷତ୍ରର ଉଦୟରେ ସମାଧିସ୍ଥ ହୁଅନ୍ତି ସାଧକ ବିରବିରା । ଦଣ୍ଡପରେ ଦଣ୍ଡ ଅତିକ୍ରାନ୍ତ ହୋଇଚାଲେ କିନ୍ତୁ ସ୍ୱାଭାବିକ ଅବସ୍ଥାକୁ ଫେରନ୍ତି ନାହିଁ ଋଷି ପ୍ରବର । ଏହିପରି ଦିନ ପରେ ଦିନ ବିତିବାପରେ ଉପଗତ ହୁଏ ବୃଷ ଦି୧୧ନ ଜ୍ୟେଷ୍ଠ ୫ଦିନ ପବିତ୍ର ଚନ୍ଦନ ପୂର୍ଣ୍ଣିମା ତିଥି । ଅନୁରାଧା ନକ୍ଷତ୍ରର ଶୁଭ ଲଗ୍ନରେ ଆବିର୍ଭୂତ ହୁଅନ୍ତି ବ୍ରହ୍ମବିରାଟ ରୂପ ନେଇ, ଉକ୍ତ ରୂପକୁ ଦର୍ଶନ କରି ନିଜକୁ

ବ୍ରହ୍ମଙ୍କ ଠାରେ ଲୀନ କରାଇବା ପାଇଁ ଚିନ୍ତାକରନ୍ତେ ବ୍ରହ୍ମ ପୁରୁଷ ଅଭିଳକ୍ଷିତ ଦୁଇଟି ବର ମାଗିବା ପାଇଁ ବିରବିରାଙ୍କୁ ଅନୁମତି ଦିଅନ୍ତି । ଋଷି ପ୍ରବର 'ବିରବିରା' ପ୍ରଥମ ବର ସ୍ୱରୂପ-ବିରାଟ ବ୍ରହ୍ମରେ ନିଜକୁ ସମାହିତ କରିବାର ପ୍ରାର୍ଥନା କରନ୍ତି ଏବଂ ଦ୍ୱିତୀୟ ବର ସ୍ୱରୂପ କଳିଯୁଗର ଅନ୍ତିମ ପର୍ଯ୍ୟାୟରେ ଯେତେବେଳେ ବ୍ରହ୍ମ ଅବତାରୀ ଭାବରେ ମର୍ତ୍ତ୍ୟଲୀଳା ସଂରଚନା କରିବେ, ମୋର ଏହି ସାଧନା ପୀଠରେ ସ୍ୱୟଂ ଉପସ୍ଥିତ ହୋଇ ''ବ୍ରହ୍ମ ବିରାଟ ଶାନ୍ତିଯଜ୍ଞ'' କରାଇବେ । ଏବଂ ଏହି ଯଜ୍ଞ ଅଞ୍ଚଳ ଦେଶ ଓ ସୃଷ୍ଟିର ମଙ୍ଗଳ ବିଧାନ ନିମନ୍ତେ କରିବେ । ଏହି ପୀଠରେ ଯେ ଉପସ୍ଥିତ ରହି ଆପଣଙ୍କୁ ଓ ବ୍ରହ୍ମ ବିରାଟ ଶାନ୍ତି ଯଜ୍ଞକୁ ଯେ ଦଶନ କରିବେ ସେମାନେ ଅଶେଷ ଜନ୍ମର ପାପତାପରୁ ନିସ୍ତାର ପାଇବେ । ଏହାହିଁ ଥିଲା ଋଷି 'ବିରବିରା'ଙ୍କର ବ୍ରହ୍ମ ପୁରୁଷଙ୍କଠାରେ ଅଳି ।

ବ୍ରହ୍ମ ପୁରୁଷ ତଥାସ୍ତୁ କହି ଆଶୀର୍ବାଦ ଦେଇ ସ୍ୱସ୍ଥାନକୁ ପ୍ରତ୍ୟାଗମନ କଲେ । ଆଜି ସେହି ବରଦାନର ବାସ୍ତବ ରୂପରେଖ ସ୍ୱରୂପ 'ବିରବିରା'ଙ୍କ ନାମାନୁସାରେ ନାମିତ ବିରବିରା ଗ୍ରାମଠାରେ ''ବ୍ରହ୍ମ ବିରାଟ ଶାନ୍ତିଯଜ୍ଞ'' ଅନୁଷ୍ଠିତ ହେଉଅଛି । ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ମୋହିନୀ ଏକାଦଶୀ ତିଥିରେ ।

୫୫୦ବର୍ଷ ପୂର୍ବେ କଳିଯୁଗର ସିଦ୍ଧ ସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଏହି ସ୍ଥାନର ବର୍ଣ୍ଣନା ଓ ଉକ୍ତ ସାଲ, ତିଥି, ଦିବସର ବର୍ଣ୍ଣନା କରିବାକୁ ଯାଇ ତାଙ୍କର ସ୍ୱରଚିତ ତାଳପତ୍ର ଖେଦାରେ ପ୍ରିୟଶିଷ୍ୟ

ରାମଦାସଙ୍କୁ କହିଅଛନ୍ତି ଯେ...

କହୁଅଛି ରାମ ଶୁଣ ମୋ କଥା ।
ଶୁଣିଲେ ଗୁଣିଲେ ଘୁରିବ ମଥା ॥
ପରମ ଆଶିଣ କରିବେଲୀଳା ।
ବୁଝି ନ ପାରିଣ ହେବେ ବାଉଳା ॥
ଯାଗ ହେଉଥିବ ଯେଉଁ ସ୍ଥାନରେ
ତାହାର ରହସ୍ୟ ଶୁଣ ରାମରେ ।୮
ବିରୁବର ନାମେ ଖ୍ୟାତ ଯେ ଥିଲା ।
ବିରବିରା ନାମ ଧାରଣ କଲା ॥
ଋଷି ବିରବିରା ତପ ପ୍ରଭାବେ
ବିରବିରା ନାମ ହୋଇଲା ଭବେ ॥
ଭବାନୀଶଙ୍କର ଶେଖର ଦେବ ।
ଶାସନରେ ଥିଲେ ଶତବର୍ଷ ପୂର୍ବ ॥
ଆନନ୍ଦରେ କରି ପ୍ରଜାପାଳନ ।
କ୍ଷିତିରେ କିରତୀ ରଖିଲେ ପୂଣ ॥

ଯେଉଁ ସ୍ଥାନରେ ଯଜ୍ଞ ଅନୁଷ୍ଠିତ ହେବ, ସେ ସ୍ଥାନର ବର୍ଣ୍ଣନା କରି ଅଚ୍ୟୁତାନନ୍ଦ କହିଛନ୍ତି, ତାଙ୍କ ପ୍ରିୟଶିଷ୍ୟ ମାଧମରେ । ରାମରେ ମୋ କଥା ଶୁଣିଲେ ଓ ମନ ମଧ୍ୟରେ ଚିନ୍ତନ କଲେ ତୋ ମଥା ଘୂରିଯିବ ।

କାରଣ, ପରମପୁରୁଷ ଯେତେବେଳେ ଆସି ମର୍ତ୍ତ୍ୟଭୂମିରେ ଲୀଳା କରୁଥିବେ, ସେତେବେଳେ ତାଙ୍କୁ ସମସ୍ତେ ଚିହ୍ନି ନପାରି ବାଉଳା ହେବେ । ତୁ ତାଙ୍କୁ ଚିହ୍ନିବୁ କିପରି ତାହା କହୁଅଛି ଶୁଣ୍ । ଯେଉଁ ଯେଉଁ ସ୍ଥାନରେ ସେ ଲୀଳା ରଚିବେ ତାହା ଗୋଟି ଗୋଟି କରି ତୋତେ ବୁଝାଇବି । ସେହି ସ୍ଥାନମାନଙ୍କ ମଧ୍ୟରୁ ଏହି 'ବିରବିରା' ସ୍ଥାନ ହେଉଛି ଅନ୍ୟତମ । ଏହା ଋଷି ପ୍ରବର ବିରବିରାଙ୍କ ନାମାନୁସାରେ ନାମିତ ହୋଇଅଛି ।

ଆହୁରି ମଧ ଏହି ସ୍ଥାନର ଚର୍ତୁଃଦିଗ ବର୍ଣ୍ଣନା କରି ମହାପୁରୁଷ ଅଚ୍ୟୁତାନନ୍ଦ ଲେଖିଛନ୍ତି କି

ପୂର୍ବ ଭାବେ ଲମତି ଶୈବ ପୀଠ
ରହିଥିବ ସପେ ନଦୀର ତଟ ॥
ଅତି ପୁରୁଣା ସେ ଯୋଗୀ ଈଶ୍ୱର
ପୂଜା ପାଉଥିବେ ଯୁଗ ଯୁଗର ॥
ବିରବିରା ଗ୍ରାମ ତିନି ପାର୍ଶ୍ୱରେ ।
ବହେ ସପେ ନଦୀ ପବିତ୍ର ଧାରେ ॥
ଉତ୍ତର ଭାଗେ ମୁକ୍ତେଶ୍ୱରଛନ୍ତି ।
ବିଧି ବିଧାନରେ ପୂଜା ପାଆନ୍ତି ॥
ଦକ୍ଷିଣରେ ମେଢେଶ୍ୱରଙ୍କ କ୍ଷାତି ।
କହିକେ ପାରିବ ତାଙ୍କର ସ୍ଥିତି ॥

ମାଳମାଳଶୀବ ପୀଠାଧିଶ୍ୱର
ଦେଖିଣ ମନକୁ କରତୁ ସ୍ଥିର ॥

ସିଦ୍ଧ ସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଉପରଲିଖିତ ପଦ୍ୟାଂଶରେ ଯଜ୍ଞ ହେଉଥିବା ସ୍ଥାନର ମହିମା ଏବଂ ସେଠାକାର ମାଳମାଳ ଶୈବ ପୀଠ ରହିଅଛି ଏବଂ ସମଲାଇ ନାମରେ ଏକ ଶୈବପୀଠ କଥା ପ୍ରକାଶ କରିଛନ୍ତି, ଯାହାର ମହିମା କେହି ବୁଝି ପାରିବେ ନାହିଁ ।

ପରାର୍ଦ୍ଧ ସଂହିତାର ସପ୍ତଦଶ ବୋଲିରେ ଅଚ୍ୟୁତାନନ୍ଦ ମହାପୁରୁଷ ଏହି ସ୍ଥାନରେ ରହସ୍ୟ ବର୍ଣ୍ଣନା କରି କହି ଅଛନ୍ତି ଯେ-

ପାରିଜାତ ବୃକ୍ଷ ସେଠାରେ ଥିବ
ସର୍ବପୁରାତନ ନାମ ବହିବ ॥
ଅନ୍ନଛତ୍ର ଯେଉଁସ୍ଥାନରେ ହେବ
ସତ୍ୟଫଳ ବୃକ୍ଷସେଠାରେ ଥିବ ॥
ଆମ୍ର କୁଞ୍ଜେ ହରିହାଟଟି ହେବ
ଏକଥା ଜାଣିଥା ରାମରେ ଧ୍ରୁବ ॥

ମହାପୁରୁଷଙ୍କର ଉକ୍ତ ପଦ୍ୟାଂଶରୁ ପତିତ ହୁଏ ଯେ ଉକ୍ତ ଅଞ୍ଚଳରେ ଏକ ସର୍ବପୁରାତନ ପାରିଜାତ ବୃକ୍ଷ (ମନ୍ଦାର ଗଛ) କିମ୍ବଦନ୍ତୀ ସ୍ୱରୂପ ଥିବ ଏବଂ ଆମ୍ର ବାଟିକାରେ ହରିହାଟ ହେବାର କଥା ବର୍ଣ୍ଣନା କରିଛନ୍ତି ।

ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଉକ୍ତ ମହାନ୍ ଯଜ୍ଞର ସାଲ, ବିଷୟ ବର୍ଣ୍ଣନା କରି ଲେଖିଅଛନ୍ତି କି-

> ଦଶରଥ ସୂତେ ତିନି ତୁ ଗୁଣି ।
> ନନ୍ଦ ସୂତେ ପୁନେଇ ମିଶା ତୁ ପୁଣି ॥
> ଉଭୟ ଫଳକୁ ରଖିତୁ ପୁଣ ।
> ଗାନ୍ଧାରୀ ସୁତକୁ ତହିଁରେ ଗୁଣ ॥
> ପୁଣି ବିଂଶ ଯୋଗ କରିଲେ ତୁହି ।
> ଲୀଳା ଦେଖିବୁଟି ସେ ବେଳେ ଯାଇଁ ॥

ଉକ୍ତ ପଂକ୍ତିରେ ମହାପୁରୁଷ ଦର୍ଶାଇଛନ୍ତି ଯେ-

ଦଶରଥ ସୂତ କହିଲେ (ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ)= ୪ଜଣ, ଏଥିରେ ତିନିଗୁଣନ କଲେ

୪ x ୩=୧୨

ନନ୍ଦସୂତ ବୋଇଲେ (କୃଷ୍ଣ, ବଳରାମ) = ୨ ଜଣ

ଉଭୟକୁ ଯୋଗ କଲେ ଫଳ ହେବ

୧୨+୨=୧୪

ଗାନ୍ଧାରୀର ସୁତ ସଂଖ୍ୟା- ୧୦୦ ଜଣ ଅର୍ଥାତ୍ ଏହାକୁ ଗୁଣିଲେ

୧୪x୧୦୦=୧୪୦୦

ପୁଣି ସେଥିରେ ବିଂଶ ଯୋଗ କଲେ ହେବ

୧୪୦୦+୨୦=୧୪୨୦ ସାଲ

ସାରାଂଶ- ଉକ୍ତ ଯଜ୍ଞ ୧୪୨୦ ସାଲରେ ଅନୁଷ୍ଠିତ ହେବ ।

ଶୁଭାଧିବାସ ଦିବସର ବର୍ଣ୍ଣନା କରି ମହାପୁରୁଷ ଲେଖିଛନ୍ତି-

ଯାଗ ଆରମ୍ଭିବ ସେଠାରେ ଯହିଁ
ବ୍ରହ୍ମ ବିରାଟ ଶାନ୍ତିଯାଗ କହି ॥
ପରମପୁରୁଷ ଲୀଳା ସମ୍ଭାର
ଦେଖିବୁରେ ବାବୁ ହେବ ଗୋଚର ॥
ଜ୍ୟେଷ୍ଠ ଏକ ଦିନ ବୃଷ ସପ୍ତମ ।
ମୋହିନୀ ଏକାଦଶୀ ତିଥିଟି ପୁଣ ॥
ମଙ୍ଗଳବାସର ସର୍ବମଙ୍ଗଳ ।
ଲୀଳାଦେଖି ସର୍ବେ ହୋଇବେ ଭୋଳ ॥

ସାରାଂଶ- ଉକ୍ତ ଯଜ୍ଞର ଶୁଭାଧିବାସ ବୃଷ ୭ଦିନ, ଜ୍ୟେଷ୍ଠ ୧ ଦିନ, ମୋହିନୀ ଏକାଦଶୀ ତିଥିରେ ହେବ ।

ପୂର୍ଣ୍ଣାହୂତି ଦିବସର ତିଥି, ବାର, ନକ୍ଷତ୍ର ବିବରଣୀ ପ୍ରଦାନ କରି ମହାପୁରୁଷ ଜଣାଇଛନ୍ତି,

ବୃଷର ଏଗାର ଜ୍ୟେଷ୍ଠର ପାଞ୍ଚ
ଦେଖିବୁ ରାମରେ ସବୁ ରହସ୍ୟ ॥
ବିଛା ଚନ୍ଦ୍ରବେଳା ଅନୁରାଧାରେ
ତିଥି ଯେ ଚନ୍ଦନ ପୂର୍ଣ୍ଣିମା ପରେ ॥

ସୌରବାସ ଯୋଗ ଅଟେ ସେ ଦିନ
ଲୀଳା ଚହଟିବ ମର୍ତ୍ତ୍ୟ ଭୂବନ ॥
ଚନ୍ଦନେ ଶିତଳ କରିଣ ମହି
ପୂର୍ଣ୍ଣାହୁତି ହେବ ସେହି ଦିନ ହିଁ ॥

ଉକ୍ତ ପଦ୍ୟାଂଶର ମର୍ମସ୍ୱରୂପ ବୁଝିବାକୁ ହୁଏ ଯେ ବୃଷ ରାଶି ଯୁକ୍ତ ମାସର ୧୧ ଦିନ=ବୃଷ ୧୧ଦିନ ।

ଜ୍ୟେଷ୍ଠ ମାସର ପାଞ୍ଚଦିନ = ଜ୍ୟେଷ୍ଠ ୫ ଦିନ

ବିଛା ଚନ୍ଦ୍ର ବେଳା ଅନୁରାଧା ନକ୍ଷତ୍ର

ତିଥି ଚନ୍ଦନ ପୂର୍ଣ୍ଣିମା ଓ ସୌରବାର = ଶନିବାର

ସାରାଂଶ- ଉକ୍ତ ଯଜ୍ଞର ପୂର୍ଣ୍ଣାହୂତି ବୃଷ ମାସ ଦି୧୧ନ ଓ ଜ୍ୟେଷ୍ଠ ମାସର ଦି୫ନ, ଏକ ଦିବସରେ ପଡ଼ିଥିବ ।

ବିଛା ରାଶିରେ ଚନ୍ଦ୍ରଥିବେ ତ ଅନୁରାଧା ନକ୍ଷତ୍ର ଉଦୟ ହୋଇଥିବ, ବାରଟି ଶନିବାର ହୋଇଥିବ ।

ଲୀଳାମୟଙ୍କର ଅଲୌକିକଲୀଳା ବଡ଼ ବିଚିତ୍ର, ସମସ୍ତଙ୍କର ଜାଣିବା ବୁଝିବା ବାହାରେ । ସେଥିପାଇଁ ତାଙ୍କୁ କୁହାଯାଇଛି, ଲୀଳାବିଧିତ । ସେ ଯେତେବେଳେ କୃପା କରିବେ । ସେତେବେଳେ ଯାଇ ଏ ବଦ୍ଧ ଜୀବ ତାଙ୍କ ଲୀଳା ରହସ୍ୟ ଉପଲବ୍‌ଧି କରିପାରିବ । ସେହିଁ ଏ ଲୀଳାର କର୍ତ୍ତା, କର୍ମ, କାରଣ । ସେ ବୁଝାଇଲେ ଆମେ ବୁଝିବା, ସେହିଁ ସବୁକିଛି । ଆଜକୁ ୫୫୦ ବର୍ଷତଳୁ ସିଦ୍ଧ ସାଧକ

ମହାପୁରୁଷ ଅଚ୍ୟୁତାନନ୍ଦଙ୍କୁ ସେ ଯାହା ସୂକ୍ଷ୍ମରେ ନିର୍ଦ୍ଦେଶ ଦେଇ ମାଳିକା ଆକାରରେ ଲିପିବଦ୍ଧ କରାଇଥିଲେ ତା ସେ ହିଁ ଆଜି ପୂରଣ କରୁଛନ୍ତି ଏବଂ କରାଉଅଛନ୍ତି ମଧ୍ୟ । ତାହା ଆଜି ଅକ୍ଷର ଅକ୍ଷର ସତ୍ୟରେ ପରିଣତ ହୋଇଚାଲିଛି । ଋଷି ପ୍ରବର ବିରବିରାଙ୍କର ସାଧନାର ଫଳ ସ୍ୱରୂପ ଆଜି ଏହି ଯଜ୍ଞର ସମାହାର । ସାଧନାର ଶେଷ ପର୍ଯ୍ୟାୟରେ ସମାଧିର ପ୍ରଥମ ଦିନ ଥିଲା । ଆଜ ଦିବସ ମୋହିନୀ ଏକାଦଶୀ ତିଥି ଏବଂ ସମାଧିର ଶେଷ ସୋପାନର ଦର୍ଶନ ପର୍ଯ୍ୟାୟରେ ଯଥା-ଚନ୍ଦନ ପୂର୍ଣ୍ଣିମା ତିଥିରେ ବ୍ରହ୍ମ ବିରାଟଙ୍କ ଦର୍ଶନ କରି ଜଗତ କଲ୍ୟାଣ ନିମନ୍ତେ ଯେଉଁ ବର ଭିକ୍ଷା କରିଥିଲେ ତାହା ପ୍ରଭୁଙ୍କ ଅପାର କରୁଣା କଲ୍ୟାଣରୁ ସଂଘଠିତ ହୋଇଚାଲିଛି । ଏହି ଯଜ୍ଞକୁ ଯୋଗୀ, ଋଷି, ମୁନିଗଣ ସୂକ୍ଷ୍ମରେ ଦର୍ଶନ କରି ବ୍ରହ୍ମ ଉପଲବ୍ଧି କରିଥିଲେ ।

ଋଷି ବିରବିରା ସମାଧି ଯୋଗେ ।
ଦର୍ଶନ କରିଲେ ଲୟାଙ୍ଗ ମାର୍ଗେ ।।
ଦର୍ଶନ ବେଳରେ ମାଗିଲେ ବର ।
ଲୀଳା ଦେଖିବାକୁ ସେହି ଠାବର ।।
ଆଜ୍ଞା ଦେଲେ ବ୍ରହ୍ମ ପୁରୁଷ ଜାଣ ।
ଯାଗ କରି ଲୀଳା ଦେବେ ପ୍ରମାଣ ।।
ସେହି ବେଳକୁତୁ ଯଗିଣ ଥିବୁ ।
ଚେତା ରଖି ରାମ ତାଙ୍କୁ ଭେଟିବୁ ।।

ଆମ୍ଭେମାନେ ଆଜି ଧନ୍ୟ । ଆମ୍ଭମାନଙ୍କର ଜୀବନ ଧନ୍ୟ, କାରଣ ଯୁଗ ପୁରୁଷ ଚରମନାଥ ଲୁଚାଇ ଛପାଇ ଯେଉଁ ଲୀଳା ସଂଗଠିତ କରିଚାଲିଛନ୍ତି ତାହା ସମସ୍ତଙ୍କ ପାଇଁ ଅପ୍ରକାଶ୍ୟ ହେଲେ ମଧ୍ୟ ଆମ୍ଭମାନଙ୍କ ପାଇଁ ପ୍ରକାଶ୍ୟ ହେଉଅଛି । ସେହି ଦୃଷ୍ଟିକୋଣରୁ ଏହି ଲୀଳା ପ୍ରସଙ୍ଗ ଯେ ଶ୍ରଦ୍ଧା, ପ୍ରେମ, ଭକ୍ତି, ବିଶ୍ୱାସ ଓ ନିଷ୍ଠାର ସହ ପଠନ, ପାଠନ ଶ୍ରବଣ, ମନନ କରିବ ଓ କରାଇବ, ତାହାର ଅଶେଷ ଜନ୍ମର ପାପକ୍ଷୟ ହେବା ସଂଗେସଂଗେ ପରବର୍ତ୍ତୀ ଜନ୍ମ ପାଇଁ ଅଶେଷ ପୁଣ୍ୟ ସଞ୍ଚିତ ହୋଇ ରହିବ ।

ଶେଷରେ ସିଦ୍ଧ ସାଧକ ମହାଯୋଗୀ ଋଷି ପ୍ରବର 'ବିରବିରା'ଙ୍କୁ ସ-ଭକ୍ତି, ପ୍ରଣାମ ଜଣାଇ ତାଙ୍କରି ଆଶୀର୍ବାଦ କାମନା କରିବା ସଂଗେସଂଗେ ଲୀଳାମୟ ପରମ ପୁରୁଷ ଚରମନାଥଙ୍କର ଇଚ୍ଛା ପୂର୍ଣ୍ଣ ହେଉ ଏହାହିଁ ଆମର କାମ୍ୟ ।

ଲୀଳାମୟ ଚରମପୁରୁଷଙ୍କର ଇଚ୍ଛା ପୂର୍ଣ୍ଣ ହେଉ ।

ଦ୍ୟୌଃ ଶାନ୍ତିଃ ! ଅନ୍ତରୀକ୍ଷଂ ଶାନ୍ତିଃ ! ପୃଥିବୀ ଶାନ୍ତିଃ ! ଆପଃ ଶାନ୍ତିଃ ! ଓଷଧୟଃ ଶାନ୍ତିଃ !

ବନସ୍ପତୟଃ ଶାନ୍ତିଃ ! ବିଶ୍ୱଦେବାଃ ଶାନ୍ତିଃ ! ବ୍ରହ୍ମଃ ଶାନ୍ତିଃ ! ସର୍ବଂ ଶାନ୍ତିଃ ! ଶାନ୍ତିରେବ ଶାନ୍ତିଃ ! ସା ମା ଶାନ୍ତିରେଧି !!

ଓଁ ଶାନ୍ତିଃ ! ଓଁ ଶାନ୍ତିଃ !! ଓଁ ଶାନ୍ତିଃ !!!

**ଶ୍ରୀ କେଶବାର୍ପଣମସ୍ତୁ**

**କ୍ଷିତିଜ୍ୟୋତିଃ ଆଶ୍ରମ,**

**ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ,**

**ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ପରିବାର,**

**ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି:କଟକ, ଓଡ଼ିଶା ।।**

ଆମର ଲକ୍ଷ୍ୟ : ପରମ ପ୍ରାପ୍ତି